# NATIONAL NEWS BULLETIN (ODIA)

## 18 August - 2026

## Evening Bulletin : 7.15 P.M.

******************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀରେ ପ୍ରତିବାଦକାରୀ ଛାତ୍ର ଏବଂ ପୁଲିସ୍ କର୍ମଚାରୀଙ୍କ ମଧ୍ୟରେ ହିଂସାତ୍ମକ କାର୍ଯ୍ୟକଳାପର ଯାଞ୍ଚ୍ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବା ନେଇ ସୂଚନା ଦେଲେ ସୁପ୍ରିମ୍‌କୋର୍ଟ୍ ।
- ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଦ୍ୱାଦଶ ବ୍ରିକ୍ସ ପରିବେଶ ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ।
- ଓଡ଼ିଶା ବନ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଲକ୍ଷ୍ୟ ନେଇ ହଜାରେ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କଲେ ମୁଖ୍ୟମନ୍ତ୍ରୀ ।
- ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫ ଘୋଷିତ ।

– ୧୫ ଜଣଙ୍କୁ ଅର୍ଜୁନ ଏବଂ ୩ ଜଣ ପ୍ରଶିକ୍ଷକଙ୍କୁ ମିଳିବ ଦ୍ରୋଣାଚାର୍ଯ୍ୟ ପୁରସ୍କାର ।

ଏବଂ

- ଗାଲେ ଟେଷ୍ଟରେ ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୪ ଓ୍ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୮୪ରନ୍ ।

## ଏସ୍‌ସି-ନିଟ୍ ପ୍ରୋଟେଷ୍ଟ

ଦିଲ୍ଲୀରେ ପ୍ରତିବାଦକାରୀ ଛାତ୍ରଙ୍କ ଉପରେ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନ ଏବଂ ପୁଲିସ୍ କର୍ମଚାରୀଙ୍କ ଉପରେ ପ୍ରତିବାଦୀକାରୀଙ୍କ ପକ୍ଷରୁ ହିଂସାତ୍ମକ ଆଚରଣର ଯାଞ୍ଚ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟ୍ ଘୋଷଣା କରିଛନ୍ତି । ସେଥିରେ ସୁପ୍ରିମ୍‌କୋର୍ଟ୍‌ର ଅବସରପ୍ରାପ୍ତ ବିଚାରପତି, ହାଇକୋର୍ଟର ବିଚାରପତି, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ଏବଂ ପୂର୍ବତନ ସି.ବି.ଆଇ. ନିର୍ଦ୍ଦେଶକଙ୍କୁ ସଦସ୍ୟ ଭାବେ ସାମିଲ କରାଯିବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଭି. ମୋହନାଙ୍କ ଖଣ୍ଡପୀଠ ଏ ନେଇ ବିଭିନ୍ନ ପକ୍ଷଙ୍କଠାରୁ ପରାମର୍ଶ ଲୋଡ଼ିଛନ୍ତି । କମିଟି ଗଠନ ନେଇ ଆସନ୍ତାକାଲି ଚୂଡ଼ାନ୍ତ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି । ଏହି ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ତଥ୍ୟ ଅନୁସନ୍ଧାନ ଦାୟିତ୍ୱ ଅର୍ପଣ କରାଯିବ । ଏଥିପାଇଁ ସମସ୍ତ ପ୍ରକାର ଆବଶ୍ୟକ ସୁବିଧା ସୁଯୋଗ ପ୍ରଦାନ ଉପରେ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି । ଗତମାସ ୨୦ ତାରିଖରେ ଦିଲ୍ଲୀରେ ସଂସଦକୁ ପଦଯାତ୍ରା ସମୟରେ ହୋଇଥିବା ହିଂସାତ୍ମକ ଘଟଣାର

ଭିଡ଼ିଓ ଫୁଟେଜ୍ ଏବଂ ସି.ସି.ଟିଭି ରେକର୍ଡ଼ିଂକୁ ଯାଞ୍ଚ୍ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିକୁ ହସ୍ତାନ୍ତର କରିବାକୁ କୋର୍ଟ୍ ସମ୍ପୃକ୍ତ ପକ୍ଷଙ୍କୁ ନିର୍ଦ୍ଦେଶ ଦେବେ । ଆନ୍ଦୋଳନ ସମୟରେ ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ୍ ଅତ୍ୟାଚାର ଏବଂ ପୁଲିସ୍ କର୍ମଚାରୀଙ୍କ ଉପରେ ହିଂସା ଅଭିଯୋଗ ଆଧାରିତ ପୃଥକ ପୃଥକ ଆବେଦନର ଏକତ୍ର ଶୁଣାଣି କରି ସୁପ୍ରିମ୍‌କୋର୍ଟ୍ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି ।

## ବ୍ରିକ୍ସ-ପରିବେଶ ବୈଠକ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଦ୍ୱାଦଶ ବ୍ରିକ୍ସ ପରିବେଶ ମନ୍ତ୍ରୀ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବିଭାଗୀୟ ମନ୍ତ୍ରୀ, ବରିଷ୍ଠ ପଦାଧିକାରୀ, ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞ ପ୍ରମୁଖ ଯୋଗଦେଇଥିଲେ । ନିରନ୍ତରତା, ନବସୃଜନ, ସହଯୋଗ ଓ ଭିତ୍ତିଭୂମି କ୍ଷେତ୍ର ପ୍ରସଙ୍ଗ ଆଧାରରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବୈଠକକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ଭାରତର ମୋଟ୍ ଶକ୍ତି କ୍ଷମତାର ଅଧାରୁ ଅଧିକ ସ୍ୱଚ୍ଛ ଉତ୍ସରୁ ଆସୁଛି । ୨୦୦୫ରୁ ୨୦୨୨ ମଧ୍ୟରେ ପ୍ରଦୂଷଣ ନିର୍ଗମନ ତୀବ୍ରତା ୩୭ ପ୍ରତିଶତରୁ ଅଧିକ ହ୍ରାସ ପାଇଛି

ବୋଲି ସେ କହିଛନ୍ତି । ଅନୁକୂଳ ପରିବେଶକୁ ଦୃଷ୍ଟିରେ ରଖି ନୀତି ନିର୍ଦ୍ଧାରଣ, ପ୍ରଯୁକ୍ତିବିଦ୍ୟାର ଉପଯୋଗ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ସମନ୍ୱିତ କରିବା ଉପରେ ମନ୍ତ୍ରୀ ଶ୍ରୀ ଯାଦବ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏ କ୍ଷେତ୍ରରେ ବିଭିନ୍ନ ସଦସ୍ୟ ଦେଶର ଦୃଷ୍ଟିକୋଣ ଏବଂ ଅବଦାନକୁ ଭାରତ ସମ୍ମାନ ପ୍ରଦର୍ଶନ କରୁଛି ବୋଲି ଶ୍ରୀ ଯାଦବ କହିଛନ୍ତି ।

ବୈଠକ ଅବସରରେ ବ୍ରିକ୍ସ ପରିବେଶ କାର୍ଯ୍ୟଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଚାରୋଟି ସଂକଳନକୁ ଉନ୍ମୋଚନ କରାଯାଇଛି । ସଦସ୍ୟ ରାଷ୍ଟ୍ରଗୁଡ଼ିକର ଉତ୍ତମ ଅଭ୍ୟାସ, ଜ୍ଞାନ ଆଦାନପ୍ରଦାନ ପ୍ରଣାଳୀ ଏବଂ ନବସୃଜନକୁ ଆଧାର କରି ଏହି ସଂକଳନଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବ୍ରିକ୍ସ ପରିବେଶ କାର୍ଯ୍ୟଗୋଷ୍ଠୀରେ ହୋଇଥିବା ଗଠନ ମୂଳକ ତଥା ଅର୍ଥପୂର୍ଣ୍ଣ ଆଲୋଚନାର ନିର୍ଯାସ ଭାବେ ଏହି ସଂକଳନ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି ।

## ବନ୍ୟା-ଓଡ଼ିଶା

ଓଡ଼ିଶାରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ବିଭିନ୍ନ ଜିଲ୍ଲାରେ ସୃଷ୍ଟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟାଞ୍ଚଳର ସ୍ଥିତି ସମୀକ୍ଷା କରିବା ସହ ବିପନ୍ନ ନାଗରିକଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ହଜାରେ କୋଟି ଟଙ୍କାର ୧୦ ସୂତ୍ରୀ

ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରେ ୩୩ ପ୍ରତିଶତ ବା ତା'ଠାରୁ ଅଧିକ ଫସଲ କ୍ଷତିଗ୍ରସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା, ଧାନ ଓ ଅଣଧାନ ବିହନ କ୍ରୟ ପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ହସ୍ତାନ୍ତର ମାଧ୍ୟମରେ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦିଆଯିବ। କ୍ଷତିଗ୍ରସ୍ତ ଚାଷୀଙ୍କୁ ମାଗଣାରେ ପନିପରିବା ମିନି କିଟ୍ ଓ ବନ୍ୟା ପରବର୍ତ୍ତୀ ରୋଗପୋକ ପରିଚାଳନା ପାଇଁ ୭୫ ପ୍ରତିଶତ ସବ୍‌ସିଡି ଯୋଗାଇ ଦିଆଯିବ। ପ୍ରାଣୀସମ୍ପଦ କ୍ଷତିପୂରଣ ସହ ନଷ୍ଟ ହୋଇଥିବା ଡଙ୍ଗା, ଜାଲ ଓ ପୋଖରିର ପୁନରୁଦ୍ଧାର ପାଇଁ ମତ୍ସ୍ୟଜୀବୀ ଓ ଚାଷୀଙ୍କୁ ସହାୟତାରାଶି ପ୍ରଦାନ କରାଯିବ।

ପରିସ୍ଥିତି ସ୍ୱାଭାବିକ ହେବା ଯାଏଁ ସମସ୍ତ ପ୍ରଭାବିତ ଅଂଚଳରେ ରନ୍ଧା ଓ ଶୁଖିଲା ଖାଦ୍ୟ ସହ ରିଲିଫ୍ ଚାଉଳ ବଣ୍ଟନ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଶିବରାଜ-ଆଇସିଏଆର୍

ବିଶ୍ୱ ବଜାର ମାନଦଣ୍ଡ ପୂରଣ କରିପାରୁଥିବା ଉଚ୍ଚମାନର କୃଷି ଉତ୍ପାଦର ଆବଶ୍ୟକତା ଉପରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁତ୍ୱ ପ୍ରଦାନ କରିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ କୃଷି ଗବେଷଣା ପରିଷଦ ଆଇ.ସି.ଏ.ଆର୍.ର ୯୭ତମ ବାର୍ଷିକ ସାଧାରଣ

ବୈଠକକୁ ସମ୍ବୋଧନ କରି ଶ୍ରୀ ଚୌହାନ ଏହା କହିଛନ୍ତି । ସେ କହିଛନ୍ତି, ବିଭିନ୍ନ ଆଧୁନିକ ବୈଷୟିକ ଉପକରଣ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଯିବା ଉଚିତ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଆଧାରିତ ଭାରତୀୟ କୃଷି ଉତ୍ପାଦକୁ ବିଶ୍ୱ ବଜାର କ୍ଷେତ୍ରକୁ ସମ୍ପ୍ରସାରଣ କରିବା ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଗୁରୁତ୍ୱ ଦେଇଛନ୍ତି । ଗହମ ଏବଂ ଚାଉଳର ବାର୍ଷିକ ଉତ୍ପାଦନ ଦ୍ୱିଗୁଣିତ ହୋଇଥିବାରୁ ଶ୍ରୀ ଚୌହାନ ଖୁସିବ୍ୟକ୍ତ କରିଛନ୍ତି ।

ଶ୍ରୀ ଚୌହାନ ଏହି ଅବସରରେ ଜଳବାୟୁ ପରିବର୍ତ୍ତନ ନେଇ ସୃଷ୍ଟ ଆହ୍ୱାନର ମୁକାବିଲା ଲକ୍ଷ୍ୟରେ ବିହନ ପ୍ରସ୍ତୁତି ଏବଂ ସାର ଉପଯୋଗ ଉପରେ ଆଲୋକପାତ କରିଛନ୍ତି । ବିଭିନ୍ନ ରାଜ୍ୟରୁ ଆସୁଥିବା ପରାମର୍ଶ ଆଧାରରେ ଗବେଷଣା କ୍ଷେତ୍ରକୁ ଅଧିକ ବ୍ୟାପକ କରିବାକୁ ମନ୍ତ୍ରୀ ଶ୍ରୀ ଚୌହାନ ଆଇ.ସି.ଏ.ଆର୍.ର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ନ୍ୟାସନାଲ୍ ସ୍ପୋର୍ଟସ୍ ଆୱାର୍ଡ୍

ସରକାର ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୫ ଘୋଷଣା କରିଛନ୍ତି । ଭାରତର ପ୍ରମୁଖ ମହିଳା ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ତ୍ରିଶା ଜଲି ଏବଂ ପୁଲେଲା ଗାୟତ୍ରୀ ଗୋପିଚାନ୍ଦଙ୍କ ସମେତ ବିଭିନ୍ନ କ୍ରୀଡ଼ା ବିଭାଗର ୧୫ ଜଣଙ୍କ

କ୍ରୀଡ଼ାବିତ୍‌ଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ । ଅଭିଜ୍ଞ ଭାରତୀୟ ଫୁଟବଲ ଖେଳାଳି ଇଶାହା ଅରୁମାଇନାୟଗମ୍‌ଙ୍କୁ ଜୀବନ ବ୍ୟାପି ଉତ୍କର୍ଷ କ୍ରୀଡ଼ା ପାଇଁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯିବ । ଆଥ୍‌ଲେଟିକ୍ସ କୋଚ୍ ପରବୀର ସିଂହ, ବକ୍ସିଂ କୋଚ୍ ଛୋଟେ ଲାଲ ଯାଦବ ଏବଂ ବନ୍ଧୁକ ଚାଳନା କୋଚ୍ ନେହା ନନ୍ଦକୁମାର ଚଭନ୍‌ଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ । ଇତିମଧ୍ୟରେ ଭାରତୀୟ ସେନା ପାରା ଅଲିମ୍ପିକ୍ ନୋଡ୍ ପୁନେକୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାରରେ ସମ୍ମାନିତ କରାଯିବ ।

କ୍ରୀଡ଼ାର ପ୍ରୋତ୍ସାହନ ଓ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା କର୍ପୋରେଟ୍ ସଂସ୍ଥା ବା ବେସରକାରୀ ସଂଗଠନକୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ କ୍ରୀଡ଼ାରେ ଉତ୍କର୍ଷତା ଓ ସ୍ୱୀକୃତି ପ୍ରଦାନ ପାଇଁ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ଆସୁଛି ।

## ଆର୍‌ଆର୍‌ବି-କ୍ରେଡିଟ୍ ଡେଲିଭରି

ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍‌ଗୁଡ଼ିକ ପକ୍ଷରୁ ଦିଆଯାଉଥିବା ଋଣ ଅଧିକ ବ୍ୟାପକ ହୋଇଛି । ଏ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଇଛି । ଅର୍ଥ

ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଗତ ଆର୍ଥିକ ବର୍ଷ ମଧ୍ୟରେ ମୋଟ୍ ଋଣ ପରିମାଣ ୧୦ ଦଶମିକ୍ ୩ ପ୍ରତିଶତ ବୃଦ୍ଧି ପାଇଛି । ଗ୍ରାମୀଣ ଅର୍ଥନୈତିକ ବିକାଶ ଏବଂ ଆର୍ଥିକ ସମାବେଶୀ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍‌ଗୁଡ଼ିକ ଗ୍ରହଣ କରୁଥିବା ଦୃଢ଼ ପଦକ୍ଷେପକୁ ଏହା ପ୍ରତିପାଦନ କରୁଛି । ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ୍ ଋଣ ପ୍ରଦାନ ପରିମାଣ ୫ ଲକ୍ଷ ୨୪ ହଜାର କୋଟି ଟଙ୍କା ଥିବା ବେଳେ ଗତ ବର୍ଷ ଏହା ୫ ଲକ୍ଷ ୭୮ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ପ୍ରତ୍ୟେକ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ୍ ପ୍ରାଥମିକତା ଋଣ ପ୍ରଦାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛନ୍ତି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

## ଇରାନ୍-ହର୍ମୁଜ୍

ହର୍ମୁଜ୍ ପ୍ରଣାଳୀ ବର୍ତ୍ତମାନ ପାଇଁ ବନ୍ଦ ରହିବା ନେଇ ଇରାନ୍ ଘୋଷଣା କରିଛି । ଆମେରିକା ସହିତ ସ୍ୱାକ୍ଷରିତ ୧୪ ସୂତ୍ରୀ ବୁଝାମଣାପତ୍ର ଅନୁଯାୟୀ ସମସ୍ତ ସର୍ତ୍ତାବଳୀ ପୂରଣ ନ ହେବା ପର୍ଯ୍ୟନ୍ତ ଏହି ନିଷ୍ପତ୍ତି ବଳବତ୍ତର ରହିବ ବୋଲି ଇରାନ୍ କହିଛି । ଏହି ଜଳପଥ ଉପରୁ ବିଦେଶୀ କଟକଣାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଏବଂ ସାମରିକ କାର୍ଯ୍ୟ ବନ୍ଦ କରିବା ପାଇଁ ଇରାନ୍ ଦାବି କରିଛି । ଇରାନ୍ ସଂସଦର ବାଚସ୍ପତି ମହମ୍ମଦ

ବାଘେର ଗାଲିବାଫ କହିଛନ୍ତି, ଉଭୟ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ ହେବା ଉଚିତ୍ । ବୁଝାମଣାପତ୍ର ଅନୁଯାୟୀ ଦିଆଯାଇଥିବା ୬୦ ଦିନର ସମୟସୀମା ସମାପ୍ତ ହେବା ପରିପ୍ରେକ୍ଷୀରେ ଇରାନ୍ ଏହି ମନ୍ତବ୍ୟ ଦେଇଛି ।

## ଇଣ୍ଡିଆ-ସିଙ୍ଗାପୁର ରାଉଣ୍ଡଟେବୁଲ୍

ଭାରତ-ସିଙ୍ଗାପୁର ମନ୍ତ୍ରୀ ସ୍ତରୀୟ ଚତୁର୍ଥ ପର୍ଯ୍ୟାୟ ଗୋଲ୍‌ଟେବୁଲ୍ ବୈଠକ ଆସନ୍ତା ଗୁରୁବାର ସିଙ୍ଗାପୁରଠାରେ ଅନୁଷ୍ଠିତ ହେବ । ଭାରତ ପକ୍ଷରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ପ୍ରମୁଖ ଯୋଗଦେବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଗସ୍ତ ଅବସରରେ ଏହି ପ୍ରତିନିଧି ମଣ୍ଡଳୀ ସେମାନଙ୍କ ପ୍ରତିପକ୍ଷଙ୍କ ସହ ଆଲୋଚନା ଏବଂ ସିଙ୍ଗାପୁରର ଶୀର୍ଷ ନେତୃତ୍ୱଙ୍କ ସହିତ ମଧ୍ୟ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ନୂତନ ତଥା ଉଦୀୟମାନ କ୍ଷେତ୍ରରେ ସହଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ଏହି ବୈଠକ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିବ ।

୨୦୨୨ ସେପ୍ଟେମ୍ବର ମାସରେ ନୂଆଦିଲ୍ଲୀଠାରେ ପ୍ରଥମ ଦ୍ୱିପାକ୍ଷିକ ଗୋଲଟେବୁଲ୍ ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୨୪ ଅଗଷ୍ଟରେ

ସିଙ୍ଗାପୁରରେ ଦ୍ୱିତୀୟ ଏବଂ ୨୦୨୫ ଅଗଷ୍ଟ ମାସରେ ନୂଆଦିଲ୍ଲୀ ଠାରେ ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ଗୁଡ଼ିକରେ ଉତ୍ପାଦନ ବୃଦ୍ଧି, ଯୋଗାଯୋଗ, ଡିଜିଟାଲାଇଜେସନ୍, ସ୍ୱାସ୍ଥ୍ୟସେବା ଏବଂ ଔଷଧ, ଦକ୍ଷତା ବିକାଶ ଓ ନିରନ୍ତରତା ଉପରେ ବ୍ୟାପକ ସହଭାଗିତା ନେଇ ମତବିନିମୟ ହୋଇଛି । ଚତୁର୍ଥ ବୈଠକ ଅବସରରେ ଦୁଇ ଦେଶର ସହଯୋଗରେ ଚାଲିଥିବା ବିଭିନ୍ନ ପଦକ୍ଷେପର ଅଗ୍ରଗତି ନେଇ ସମୀକ୍ଷା କରାଯିବ ବୋଲି ମନ୍ତ୍ରଣାଳୟ କହିଛି ।

## ଟେଷ୍ଟ ମ୍ୟାଚ୍

ଭାରତ-ଶ୍ରୀଲଙ୍କା ମଧ୍ୟରେ ଗାଲେ ଠାରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା ଦ୍ୱିତୀୟ ଇଂନିସରେ ୪ ୱିକେଟ୍ ହରାଇ ୮୪ରନ୍ ସଂଗ୍ରହ କରିଛି । ପୂର୍ବରୁ ଭାରତ ୧୯୩ରନ୍‌ରେ ତାର ଦ୍ୱିତୀୟ ଇନିଂସ ଶେଷ କରିଥିଲା । ଜିତିବା ପାଇଁ ଶ୍ରୀଲଙ୍କାକୁ ୩୭୨ରନ୍‌ର ଆବଶ୍ୟକତା ଅଛି । ଦ୍ୱିତୀୟ ଇନିଂସରେ ରିଷଭ ପନ୍ଥ ୬୯ଟି ବଲ୍‌ରୁ ୬୬ରନ୍ ସଂଗ୍ରହ କରି ଭାରତ ପକ୍ଷରୁ ସର୍ବାଧିକ ସ୍କୋର କରିଥିଲେ । ୫୧ଟି ଟେଷ୍ଟ ମ୍ୟାଚ୍‌ରେ ୧୦୦ଟି ଛକା ମାରି ରିଷଭ ପନ୍ଥ ଏ କ୍ଷେତ୍ରରେ ଦ୍ରୁତତମ ଖେଳାଳି ହୋଇପାରିଛନ୍ତି । ଶ୍ରୀଲଙ୍କାର ଡି'ସିଲ୍‌ଭା ୩୧ ଓ ଏସ୍. ଦିନୁଶା ୨୫ରନ୍ କରି କ୍ରିଜ୍‌ରେ ଅଛନ୍ତି ।